# ଅନ୍ତଃଇଞ୍ଜିନିୟରିଂ କଲେଜ କ୍ରୀଡ଼ା: ଆଇଟିଇଆର୍ କ୍ରିକେଟ୍ ଚାମ୍ପିଅନ୍



ଭୁବନେଶ୍ୱର, ୧୧/୨ (ଇମିସ): ସିଇଟି ଦ୍ୱାରା ଆୟୋଜିତ ଅନ୍ତଃ ଇଞ୍ଜିନିୟରିଂ କଲେଜ କ୍ରୀଡ଼ା ପ୍ରତିଯୋଗିତାରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ଆଇଟିଇଆର୍) କ୍ରିକେଟ୍ ଚାମ୍ପିଅନ୍ ହୋଇଥିଲା ବେଳେ ଭଲିବଲ୍‌ରେ ରନର୍ସ ଅପ୍ ହୋଇଛି। ଟୁର୍ନାମେଣ୍ଟରେ ସମୁଦାୟ ୯ଟି ଦଳ (ସିଇଟି, କିଟ୍ ବିଶ୍ୱବିଦ୍ୟାଳୟ, ସିଭି ରମଣ, ଗୀତା, ସିଲିକନ୍, ସିଇବି, ଏନ୍‌ଏମ୍‌ଆଇଟି, ଟ୍ରାଇଡେଣ୍ଟ୍ ଏବଂ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ) ଅଂଶଗ୍ରହଣ କରିଥିଲେ। କ୍ରିକେଟ୍ ଫାଇନାଲ୍‌ରେ ଏନ୍‌ଏମ୍‌ଆଇଟିକୁ ୪ ୱିକେଟ୍‌ରେ ପରାସ୍ତ କରି ଆଇଟିଇଆର୍ ଚାମ୍ପିଅନ୍ ହୋଇଥିଲା। ଦଳ ପକ୍ଷରୁ ଅଧିନାୟକ ଉପାୟନ ନାୟକ, ଉପ ଅଧିନାୟକ ସ୍ମୃତି ସୌରଭ ସାହୁ, ମନୋଜ ସାହୁ, ସୌମ୍ୟ ରଥ, ଅନୁଜ କାମିଲା ଏବଂ ବୋଲିଂରେ ଦେବାଶିଷ ମିଶ୍ର, ଗୌରବ ଭୂତ, ଦେବବ୍ରତ ମହନ୍ତ ଉନ୍ନତ ପ୍ରଦର୍ଶନ କରିଥିଲେ। ଏସ୍‌ଓଏର କ୍ରୀଡ଼ା ଅଧିକାରୀ ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ।